

୧୮/୨/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୨,୫୫୪/-
ସୁନା: ୦୬.୯୦୦ ଗ୍ରାମ୍
ରୁପା: ୨୬.୮୦୦ ଗ୍ରାମ୍



# ମାଗଣା ବ୍ରତୋପନୟନ: ୧୫ ଜଣ ହେଲେ ବ୍ରହ୍ମଚାରୀ



**ପୁରୀ, ୧୮।୨(ସମିସ):** ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୀୟର ସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀଙ୍କ ମାର୍ଗଦର୍ଶନରେ ଏହି ବ୍ରତୋପନୟନରେ ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଓଡ଼ିଶାର ୧୫ ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତିନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା କଟକୀ ମଠର ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସଜୀ ମହାରାଜପ୍ରତ୍ୟେକ୍ଷ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ

# 'ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ ଶିକ୍ଷା'

ପୁରୀ, ୧୮।୨(ସମିସ)



ଶିକ୍ଷା ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପ୍ରତି ଅଧିକ ଉତ୍ତରଦାୟୀ ଓ ସମର୍ପଣ ଭାବ ସୃଷ୍ଟି କରିବ ବୋଲି କହିଛନ୍ତି କ୍ରୀଡା ଓ ଯୁବ ସେବା ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାର କାନ୍ତି ବେହେରା। ରବିବାର ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠଠାରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ '୫-ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ଏପରି କାର୍ଯ୍ୟକ୍ରମ ଦ୍ୱାରା ଆଗାମୀ ପୀଢିର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସାହିତ ହେବା ସହ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ ଆଲୁମିନି କମିଟିର ସଭ୍ୟସଭ୍ୟାମାନେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଉନ୍ନତି ପାଇଁ ଅଧିକ ଯତ୍ନବାନ ହୋଇପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ପୁରୀର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଯୋଗଦେଇ ଏହି ପୁରସ୍କାର ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପାଇଁ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟ କରିବେ ବୋଲି କହିଥିଲେ। ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ନିଷ୍ଠା ଓ ଆଗ୍ରହର ସହ ଅଧିକ ପରିଶ୍ରମ କଲେ ନିଶ୍ଚିତ ନିଜର, ସମାଜର, ଦେଶ ଓ ସମଗ୍ର ବିଶ୍ୱର ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସମାହିତ ହୋଇଥିଲା।

> **ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପ୍ରତି ଅଧିକ ଉତ୍ତରଦାୟୀ ସୃଷ୍ଟି କରିବ**

ଏଥିରେ ଜିଲ୍ଲା ଶିକ୍ଷା ବିଭାଗ ଓ ଗ୍ରାମପଞ୍ଚାୟତରୁ ୧୧ଟି ବ୍ଲକର ୧୧ଟି ଗ୍ରାମପଞ୍ଚାୟତ ପୁରସ୍କାର, ୧୩୦ଟି ଜିଲ୍ଲାସ୍ତରୀୟ ଛାତ୍ର ଏକାଡେମୀକ୍ ପୁରସ୍କାର, ୧,୧୧୨ଟି ବ୍ଲକସ୍ତରୀୟ ଏକାଡେମୀକ୍ ପୁରସ୍କାର, ୬୩୯ଟି ଛାତ୍ର ଲିଡରସିପ୍ ପୁରସ୍କାର ପ୍ରଦାନ କରାଯିବା ସହ ୩୩ଟି ଉଚ୍ଚ ବିଦ୍ୟାଳୟ, ୩୦ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ୫ଟି ଉଚ୍ଚ ବିଦ୍ୟାଳୟ, ୧୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧ ଟି ବିଦ୍ୟାଳୟ ପରିଚାଳନା କମିଟି ଓ ୧୧ଟି ଆଲୁମିନି କମିଟିକୁ ମିଶାଇ ମୋଟ ୨୦୦୨ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ଜିଲ୍ଲା ବିଦ୍ୟାଳୟ କ୍ରୀଡାଧିକରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ନାରାୟଣ ମହାନ୍ତି, ଅର୍ଥ ପରାମର୍ଶଦାତ୍ତା ଡିପିସି ବିଚିତ୍ରାନନ୍ଦ ଜେନା, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ, ଜିଲ୍ଲା ମୋ ସ୍କୁଲ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୁରୀ ସହରସ୍ଥିତ ବିଭିନ୍ନ ବିଦ୍ୟାଳୟର କୁନି କୁନି ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଅଳକାନନ୍ଦା ଓ ଶିକ୍ଷାବିତ ସୁରେନ୍ଦ୍ର କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଏଡିଇଓ ମମତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ

# 'ସାହିତ୍ୟିକ ଅନ୍ୟକୁ ସୁଖୀ କରିବାରେ ସହାୟକ ହୋଇଥାଏ'

ପୁରୀ, ୧୮।୨(ସମିସ)



ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ପୁରୀର ସାରସ୍ୱତ ସଙ୍ଗଠନ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଓ ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସୌମେନ୍ଦ୍ର କୁମାର ମୁଦୁଲି, ସେବାୟତ ଭଗବାନ ସୁଆର, ଗବେଷକ ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ଶ୍ରୀକ୍ଷେତ୍ରର ବାତାବରଣରେ ସାହିତ୍ୟ ଓ ସଙ୍ଗୀତ ଭରପୂର ରହିଛି। ସାହିତ୍ୟ ରଚନା କରିବା ଦ୍ୱାରା ସାହିତ୍ୟିକ ନିଜେ ଆନନ୍ଦଲାଭ କରିବା ସହିତ ଅନ୍ୟକୁ ସୁଖୀ କରିବାରେ ସହାୟକ ହୋଇଥାଏ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ।

ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାଶ ସ୍ୱାଗତ ଭାଷଣ, ଆବାହକ ଅନାମ ଚନ୍ଦ୍ର ସାହୁ ଅତିଥି ପରିଚୟ, ସଂଯୋଜକ କୃଷ୍ଣଚନ୍ଦ୍ର ରଥ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ସଂଯୋଜକ ସଦାଶିବ ମିଶ୍ର ସଭା ପରିଚାଳନା କରିଥିବା ବେଳେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୁରେଶ କୁମାର ପଟ୍ଟନାୟକ, ସଂଯୋଜକ ରବୀନ୍ଦ୍ର ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ। ପ୍ରଥମ ପର୍ବରେ କବିତା ପାଠ ପରିଚାଳନା କରିଥିଲେ ମଞ୍ଜୁଶ୍ରୀ ମିଶ୍ର, ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଓ ଆଶାଲତା ପ୍ରଧାନ। ଏହି ଅବସରରେ ଅନୁଷ୍ଠାନର ସୂଚନା ପୁସ୍ତିକା 'ନାକଚଣା' ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସାରସ୍ୱତ ସଂକଳନ 'ଯାତ୍ରାପଥେ' ଲୋକାର୍ପିତ ହୋଇଥିଲା।

ଅନୁଷ୍ଠାନ ପକ୍ଷରୁ ଡ. ସବିତା ପ୍ରଧାନ, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀକ୍ଷେତ୍ର ବରିଷ୍ଠ ସାରସ୍ୱତ ସାଧକ (୭୦ ବର୍ଷରୁ ଊର୍ଦ୍ଧ୍ୱ) ୨୨ ଜଣଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବ ପ୍ରସ୍ତୁତିରେ କମଳିନୀ ପାଣିଗ୍ରାହୀ, ରୋଜାଲିନ ପଣ୍ଡା ଏବଂ ଯୋଗେନ୍ଦ୍ର ସାହୁ ସଂହଯୋଗ କରିଥିବା ବେଳେ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାର୍ଦ ଅର୍ପଣ କରିଥିଲେ।

## ପେଣ୍ଠକଟା ବେଳାଭୂମିରେ ମେଗା ସଫେଇ

**ପୁରୀ, ୧୮।୨(ସମିସ):** ଅପରିଷ୍କାର ହୋଇପଡ଼ିଥିବା ପୁରୀ ପେଣ୍ଠକଟା ବେଳାଭୂମି ସଫେଇ କରିଛନ୍ତି ବିଦେଶୀ ନାଗରିକ। ବେଳାଭୂମିକୁ ସଫାସୁତୁରା ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ପେଣ୍ଠକଟାବାସୀଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି ସହ ଶୌଚାଳୟ ବ୍ୟବହାର, ମାଛ ଧରିବା ପାଇଁ ବ୍ୟବହୃତ ଜାଲ ଓ ପ୍ଲାଷ୍ଟିକ ବୋତଲ ବେଳାଭୂମିରେ ନ ପକାଇବା ସହ ପେଣ୍ଠକଟା ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ ବୋଲି କହିଛନ୍ତି ଉସ୍ତି ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ କୁର୍ଟ ବୁରେକି। ୧୯୯୨ ମସିହାରେ ପେଣ୍ଠକଟା ବସ୍ତିରେ ପ୍ରତିଷ୍ଠିତ ଉସ୍ତି ଫାଉଣ୍ଡେଶନ ଏହି ବସ୍ତିର ୪୫୦ ପିଲାଙ୍କୁ ନେଇ ଏକ ସ୍କୁଲ ପରିଚାଳନା କରିବା ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ କାର୍ଯ୍ୟ କରୁଛି। ରବିବାର ଫାଉଣ୍ଡେଶନର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ, ମତ୍ସ୍ୟଜୀବୀ ସଂଘ ନେତାଙ୍କୁ ନେଇ ପେଣ୍ଠକଟା ବେଳାଭୂମିରେ ମେଗା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବେଳାଭୂମି ଅପରିଷ୍କାର ରହିବା ଏବଂ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ସମୁଦ୍ରର ସନ୍ତୁଳନ ଖରାପ ହେବା ସହ ପ୍ରଦୂଷଣ ବୃଦ୍ଧି ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ସମ୍ଭାବନା ରହିଛି। ତେଣୁ ନିୟମିତ ବ୍ୟବଧାନରେ ଉସ୍ତି ଫାଉଣ୍ଡେଶନ ପକ୍ଷରୁ ପେଣ୍ଠକଟା ବସ୍ତିରେ ସଚେତନତା ସୃଷ୍ଟି ସହ ବେଳାଭୂମି ସଫେଇ କରାଯାଉଛି। ବିଶେଷକରି ଏହି ବସ୍ତିର ପିଲା ଓ ଯୁବକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ଏକ ଦୀର୍ଘମିଆଦି ଯୋଜନା ପ୍ରଣୟନ ହେଲେ ପେଣ୍ଠକଟା ବେଳାଭୂମିକୁ ସଫାସୁତୁରା ରଖାଯାଇପାରିବ ବୋଲି କହିଛନ୍ତି ଫାଉଣ୍ଡେଶନ ସମ୍ପାଦକ ରତନ ବାରିକ।

## ଘରେ ପଶି ମୋବାଇଲ ଲୁଟ୍; ଜଣେ ଗିରଫ

**ପୁରୀ, ୧୮।୨(ସମିସ):** ଘରେ ପଶି ମୋବାଇଲ ଫୋନ୍ ଏବଂ ଟଙ୍କା ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚୁଡ଼ଙ୍ଗସାହି ଖୁଣ୍ଟିଆ ବଗିଚାର ହରି ଭୋଇ। ପୁଲିସ ସୂଚନା ଅନୁଯାୟୀ, କାଳିକାଦେବୀ ସାହି ଭଣ୍ଡାରୀଗଳିର ଜନୈକ ବ୍ୟକ୍ତିଙ୍କ ଘରେ ପଶି ଅଭିଯୁକ୍ତ ୨ଟି ମୋବାଇଲ ଫୋନ୍ ଏବଂ ଟଙ୍କା ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା (ନଂ.୫୯/୨୪) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଧରିବା ପରେ ସେ ଚୋରି କରିଥିବା ୨ଟି ମୋବାଇଲ ଫୋନ୍ ଏବଂ ୧, ୫୦୦ ଟଙ୍କା ତା'ଠାରୁ ଜବତ ହୋଇଥିଲା ବୋଲି ଆଇଆଇସି ସୁନୀଲ ପ୍ରଧାନ ସୂଚନା ଦେଇଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ପୁରୀ, ୧୮।୨(ସମିସ):** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସ କରୁଛନ୍ତି। ଏହି କ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପୁରୀ ସଦର ବ୍ଲକ ବାସୁଦେବପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ପୁରୀ ସଦର ବ୍ଲକ ଅନ୍ତର୍ଗତ ୩୦ଟି ପଞ୍ଚାୟତ ମଧ୍ୟରୁ ବାସୁଦେବପୁର ପଞ୍ଚାୟତକୁ ସର୍ବଶ୍ରେଷ୍ଠ ପଞ୍ଚାୟତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ୩୩ କେଭି ବିଦ୍ୟୁତ୍ ଗ୍ରୀଡ ଷ୍ଟେସନ ସହ ପରିତ୍ୟକ୍ତ ହୋଇପଡ଼ିଥିବା ସର୍ବପୁରାତନ କନକଦୁର୍ଗା ହାଇସ୍କୁଲ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ନୂତନ ରୂପ ନେଇଛି। ସେହିପରି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବା ଏହି ପଞ୍ଚାୟତକୁ ଗମନାଗମନ ଦୃଷ୍ଟିକୋଣରୁ ପୁରୀ ସହର ସହ ସଂଯୋଗ କରାଯାଇ ଗୋକୁଳପୁରଠାରେ ବ୍ରିଜ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ମାମିନା ଦାସ, ସରପଞ୍ଚ ଜ୍ୟୋସ୍ନାରାଣୀ ପ୍ରଧାନ, ସମିତି ସଭ୍ୟ ଅରୁଣ ମିଶ୍ର, ଗାଁ ମୁରବି ଶ୍ରୀକାନ୍ତ ମହାପାତ୍ର, ବିଦ୍ୟାଧର ପ୍ରଧାନ ଉପସ୍ଥିତ ଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା, ଲକ୍ଷ୍ମୀ ବସ୍ ଯୋଜନା, ଆମ ବ୍ୟାଙ୍କ, ମିଶନ ଶକ୍ତି, ୫-ଟି ରୂପାନ୍ତରଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମଗ୍ର ପଞ୍ଚାୟତବସୀଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଏକ ବୁଲେଟିନ ଉନ୍ମୋଚିତ ହୋଇଥିଲା। ଶେଷରେ ପଞ୍ଚାୟତର ପ୍ରତିଭାମାନେ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିବା ସହ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ରାଜ୍ୟ ସରହରଙ୍କ ମିଶନ ଶକ୍ତି ଓ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ଗ୍ରାମବାସୀ ନିଜ ଅନୁଭୂତି ପ୍ରକାଶ କରିଥିଲେ।




### ପୁରୀ ପୁଲିସର 'ଗୁଣ୍ଡା ପରେଡ୍'

# ଅସାମାଜିକଙ୍କ ଉପରେ ରହିବ ନଜର

ପୁରୀ, ୧୮।୨(ସମିସ)

ବିଭିନ୍ନ ପ୍ରକାର ଅପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପୁରୀ ପୁଲିସ ଆରମ୍ଭ କରିଛି ଗୁଣ୍ଡା ପ୍ୟାରେଡ୍। ଏଣିକି ପ୍ରତି ରବିବାର ନିକଟସ୍ଥ ଥାନାରେ ହାଜର ହେବେ ଅସାମାଜିକ ବ୍ୟକ୍ତି। ସେମାନଙ୍କ ସମ୍ପର୍କରେ ପୁଲିସ ସବିଶେଷ ତଥ୍ୟ ନେବ। ଏବେ କ'ଣ କରୁଛନ୍ତି, କୌଣସି ଅପରାଧିକ ଘଟଣାରେ ସାମିଲ ହେଉଛନ୍ତି କି, ରୋଜଗାରର ପନ୍ଥା କ'ଣ, କେମିତି ପରିବାର ପ୍ରତିପୋଷଣ କରୁଛନ୍ତି ଏସବୁ ବିଷୟରେ ତଥ୍ୟ ନେବା ସହ ସେମାନଙ୍କୁ ଭଲ ମାର୍ଗଦର୍ଶନ ଦିଆଯିବ। ପୁରୀ ପୁଲିସର ଏହି ନୂଆ ପଦକ୍ଷେପକୁ ଏବେ ପ୍ରଶଂସା କରିଛନ୍ତି ପୁରୀବାସୀ।

ବିଭିନ୍ନ ଦୃଷ୍ଟିକୋଣରୁ ପୁରୀ ଜିଲ୍ଲାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦୈନିକ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ପୁରୀ ଆସିଥାନ୍ତି। ଏଠାରେ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଚିଲିକା ସାଙ୍ଗକୁ ସୁଦୀର୍ଘ ମନୋରମ ବେଳାଭୂମି ରହିଛି। ତେଣୁ ପରିଦର୍ଶକଙ୍କ ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ପୁରୀ ପୁଲିସ ପ୍ରତିଶ୍ରୁତିବଦ୍ଧ। ଜିଲ୍ଲାର ପୁଲିସର ମୁଖିଆ ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଏସ୍‌ପି ପିନାକ ମିଶ୍ର। ପୁରୀ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା, ଅପରାଧୀ ଏବଂ ଅସାମାଜିକ ତତ୍ତ୍ୱଙ୍କୁ ସାବାଡ୍ କରିବା ଦିଗରେ ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ଅଭିଯାନ। ଏହି କ୍ରମରେ ଯେଉଁ ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ପ୍ରକାର ଅପରାଧିକ ମାମଲାରେ ସାମିଲ ଥିଲେ ସେମାନଙ୍କ ଉପରେ କଡ଼ା ନଜର ରଖିବା ଲାଗି ଆରମ୍ଭ କରିଛନ୍ତି ଗୁଣ୍ଡା ପ୍ୟାରେଡ୍। ପ୍ରାଥମିକ ପର୍ଯ୍ୟାୟରେ ରବିବାର ପୁରୀ ସହରର ବିଭିନ୍ନ ଥାନା ଏବଂ ପିପିଲି ସବ୍‌ଡିଭିଜନ ଅଞ୍ଚଳ ଥାନାକୁ ନିକଟସ୍ଥ ଅଞ୍ଚଳର ଅସାମାଜିକ ବ୍ୟକ୍ତିଙ୍କୁ ଡକାଯାଇଥିଲା। ସେମାନେ ଏବେ କ'ଣ କରୁଛନ୍ତି, କିଭଳି ଚଳୁଛନ୍ତି ଏ ସବୁ ବିଷୟରେ ପୁଲିସ ତଥ୍ୟ ରଖିଥିଲା। ବିଶେଷକରି ଭଲ ବାଟକୁ ଆସି ନିଜେ କିପରି ରୋଜଗାର କରି ପରିବାର ପ୍ରତିପୋଷଣ କରିବେ ସେ ଦିଗରେ ପୁଲିସ ସଚେତନ କରିଥିଲା। ପିପିଲି ସବ୍‌ଡିଭିଜନରେ ୫୧ ଜଣ ଏବଂ ପୁରୀ ସହରରେ ୬୮ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ବିଭିନ୍ନ ଥାନାକୁ ଡକାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ପୁରୀ ସଦର ଏବଂ ନିମାପଡ଼ା ସବ୍‌ଡିଭିନ ଅନ୍ତର୍ଗତ ଥାନାରେ ଏହି ଗୁଣ୍ଡା ପ୍ୟାରେଡ କରାଯିବ ବୋଲି ଜଣାପଡ଼ିଛି।



**ପ୍ରତି ରବିବାର ଥାନାରେ ହେବେ ହାଜର**

ଏ ସମ୍ପର୍କରେ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ପୁରୀ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣକୁ ପୁଲିସ ପ୍ରାଥମିକତା ଦେଉଛି। ଯେ ହେତୁ ଏଠାକୁ ପ୍ରତିଦିନ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି ସେମାନଙ୍କ ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ। ଏହାକୁ ନଜରରେ ରଖି ଗୁଣ୍ଡା ପ୍ୟାରେଡ୍ ଆରମ୍ଭ କରାଯାଇଛି। ପ୍ରତି ରବିବାର ସକାଳ ୯ଟାରେ ଅସାମାଜିକ ବ୍ୟକ୍ତିମାନେ ନିକଟସ୍ଥ ଥାନାରେ ହାଜର ହୋଇ ତଥ୍ୟ ଦେବେ। ଏହା ପୂର୍ବଦିନ ସେମାନଙ୍କୁ ସୂଚନା ଦିଆଯିବ। ଠିକଣା ସମୟରେ ସେମାନେ ଥାନାକୁ ଆସିବେ। କେବଳ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ ତା' ନୁହେଁ ସେମାନେ କିପରି ଭଲରେ ରୋଜଗାର କରି ଚଳିବେ ସେ ନେଇ ପୁଲିସ ପକ୍ଷରୁ ମଧ୍ୟ ସଚେତନ କରାଯାଉଛି ଏବଂ ଆଗକୁ କରାଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

## ଟ୍ରେନ୍ ଲାଇନ୍ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ/ଡେଲାଙ୍ଗ, ୧୮।୨(ସମିସ)

ବାଟମଙ୍ଗଳା ନିକଟ ଟ୍ରେନ୍ ଲାଇନ କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁରୀ ଜିଆର୍‌ପି। ରବିବାର ସକାଳ ପ୍ରାୟ ୭ଟାରେ ଖବର ପାଇ ଜିଆର୍‌ପି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପୁଲିସ ଶବ ଜବତ କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଆର୍‌ପି ଥାନାଧିକାରୀ କହିଛନ୍ତି, ସମ୍ପୃକ୍ତ ଯୁବକ ହେଲେ ପୁରୀ ବଉଳାଙ୍ଗର ଦୀପକ କୁମାର ଦାଶ। ବୋଧହୁଏ ଟ୍ରେନ୍‌ରେ ତାଙ୍କ ମୁଣ୍ଡ ଆଘାତ ଲାଗିଥାଇପାରେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୪)ରୁଜୁ କରାଯାଇ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।



ସକାଳ
THE SAKALA



# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ



**ବଳଙ୍ଗା, ୧୮ ।୨(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କିର୍ଯ୍ୟାକ୍ରମ ଜନସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳଗୁଡିକ ରୂପାନ୍ତୀକରଣ ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ ପ୍ରମୁଖ ବିଷୟରେ ଲୋକଙ୍କୁ ସଚେତନତା କରାଯାଇଥିଲା। ନିମାପଡ଼ା ବ୍ଲକ ଅଧ୍ୟକ୍ଷ ସଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ବ୍ଲକ ସଭାପତି ଅଶୋକ ସାହୁ, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସୁଧିର ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। କୋଠକୁସାଙ୍ଗ ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥନା ନାୟକ, ପୂର୍ବତନ ସମବାୟ ସମିତିର ସଭାପତି ସତ୍ୟବାଦୀ ମହାପାତ୍ର, ଅଜୟ ମିଶ୍ର, ପୂର୍ବତନ ସରପଞ୍ଚ ଅମୁଲ୍ୟ ନାରାୟଣ ସିଂ, ପ୍ରଦୀପ୍ତ କୁମାର ଦାଶ ଏବଂ ଯନ୍ତ୍ରୀ ଗୌରାଙ୍ଗ ସେଠୀ, ପିଓ ପ୍ରମୋଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

■ **ନିମାପଡ଼ା:** ନିମାପଡ଼ା ଏନ୍‌ଏସି ସମେତ ୪ଟି ପଞ୍ଚାୟତରେ ‘ ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଟାଉନହଲ ପଡ଼ିଆରେ ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧକ୍ଷା



ସସ୍ମିତା ସାହୁ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ସନ୍ତୋଷ ଓଝାଙ୍କ ସମେତ ବହୁ ଯୁବ ଓ ମହିଳା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟରେ ସ୍ୱଛ ଓ ନିର୍ମଳ ଶାସନ, ବିଭିନ୍ନ ଧାର୍ମିକସ୍ଥଳୀର ବିକାଶ, ମହିଳା ସଶକ୍ତି କରଣ, କ୍ରୀଡା ଭିତ୍ତିଭୂମିର ଅନେକ ବିକାଶ ହୋଇଥିବା ନେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନବୀନ ବାବୁଙ୍କୁ ପୁର୍ନବାର ଷଷ୍ଠଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେହିପରି ଚଅଁରପଦା, ଅଲଣ୍ଡା, ଭୋଦର ଓ କୋଠକୁସାଙ୍ଗ ପଞ୍ଚାୟତରେ ମୁଖ୍ୟ ଅତିଥିଭାବେ ବିଧାୟକ ଶ୍ରୀ ଦାସ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହିତ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ବାଣ୍ଟିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ସାଂସଦ ପ୍ରତିନିଧି ସୁଧିôର ରଞ୍ଜନ ଦାଶ, ବ୍ଲକ ଉପାଧ୍ୟକ୍ଷା ଅନୁସ୍ୱୟା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଜିପିଓ ଗୁଣନିଧି ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

■ **ଚାରିଛକ:** ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ



ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ମହିଳା ମିଶନ ଶକ୍ତି ନୂତନ ଗୃହର ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ।ଏହି ଅବସରରେ ଜନସାଧାରଣଙ୍କୁ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଏକ ପୁସ୍ତିକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି ରମାରମଣ ଦେବପାତ୍ର ପରିଚାଳନା କରିଥିବା ଅତିଥିଭାବେ ସାଂସଦ ପ୍ରତିନିଧି ସୁଧିôର ରଞ୍ଜନ ଦାଶ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ସମିତିସଭ୍ୟା ସୁନିତା ସିଂ, ପୂର୍ବତନ କେନ୍ଦ୍ରୀୟ ସହକାରୀ ଆୟୋଗ ଚନ୍ଦ୍ରକାନ୍ତ ଦଳାଇ, ସମାଜସେବୀ ସନାତନ ପାତ୍ର, ଶିକ୍ଷାବିତ୍ ତ୍ରିଲୋଚନ କର, ପ୍ରଭାତ କୁମାର ଦାଶ, ସବ୍ୟସାଚୀ ରାୟ ଚୁଡାମଣି, ବିଶ୍ୱନାଥ ତ୍ରିପାଠୀ, ପୂର୍ବତନ ସରପଞ୍ଚ ମନୋରମା ବେହେରା, ବରିଷ୍ଠ ନେତା ତଥା ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ନାୟକ, ପ୍ରଶାନ୍ତ ବେହେରା, ଅଧିନ ପାତ୍ର, ଯୁବନେତା ତୋଫାନ ପ୍ରଧାନ, ଶିଶିର ନାୟକ, ଶରତ ବେହେରା, ପ୍ରଫୁଲ୍ଲ ପାତ୍ର, ପିଇଓ ଦେବେନ୍ଦ୍ର ସ୍ୱାଇଁ, ୱାର୍ଡସଭ୍ୟା ସବିତା ସିହ୍ନାଙ୍କ ସମେତ ଏସଏଚଜି ଗ୍ରୁପର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ **ନୟାହାଟ:** ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କ ନେତୃତ୍ୱରେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳୀ, ଇସାଣପୁର ଓ ସୋରଭା ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି



ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଜନ ମଙ୍ଗଳ ଯୋଜନା ସହିତ, ମହିଳାଙ୍କ ଉନ୍ନତିକରଣ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ବସ ପ୍ରଥମ କରି ଏହି ସବୁ ପଞ୍ଚାୟତକୁ ଆସିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଇସାଣପୁର ପଞ୍ଚାୟତ ସରପଞ୍ଚ ବିନିଦିନି ପାଳ, ୧୪ ନଂ ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ, ପୂର୍ବତନ ପୁରୀ ଜିଲ୍ଲା ଜିଲ୍ଲାପରିଷଦ ଜ୍ୟୋତିର୍ମୟୀ ଦଳାଇ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଯୁବ ନେତା ବସନ୍ତ ପାଳ, ଦେଉଳୀ ପଞ୍ଚାୟତ ସରପଞ୍ଚ ରିସ୍ମା ସ୍ୱାଇଁ, ଶିକ୍ଷାବିତି କୈଳାସ ଚନ୍ଦ୍ର ଦାସ, ରଶ୍ମି ରଞ୍ଜନ ବିଶ୍ୱାଳ, ସୋରଭା ପଞ୍ଚାୟତ ର ସରପଞ୍ଚ କିଶୋର ଚନ୍ଦ୍ର ସେଠୀ, ସଭାପତି ଜ୍ୟୋତିରଞ୍ଜନ ନାୟକ, ଯୁବନେତା ମକର ଧ୍ୱଜ ସ୍ୱାଇଁ ଓ ସମସ୍ତ କାର୍ଯ୍ୟ କର୍ତ୍ତାମାନେ ଉପସ୍ଥିତ ଥିଲେ।

■ **ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ ପକ୍ଷରୁ କାଦୁଆ ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ମେଳଣ ପଡ଼ିଆରେ



ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସହିତ ସରପଞ୍ଚ ଗାୟତ୍ରୀ ମହାପାତ୍ର ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ପଞ୍ଚାୟତ ତାଙ୍କ ନିଜ ଘର ପଞ୍ଚାୟତ ବୋଲି ଭାବବିହ୍ୱଳ ହୋଇ କହିଥିଲେ। ସହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ବିଧାୟକ ଶ୍ରୀ ସମାନ୍ତରାୟ। ଏହି ଅବସରରେ ପଞ୍ଚାୟତର ବିକାଶର ଏକ ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚଅବାଉରୀବନ୍ଧୁ ମହାପାତ୍ର, ମହିଳା ନେତ୍ରୀ କନକଲତା ପଣ୍ଡା, ସତ୍ୟବାଦୀ ବ୍ଲକର ମିଶନ ଶକ୍ତିର ସଭାନେତ୍ରୀ, ସମ୍ପାଦିକାଙ୍କ ସହିତ ଓ ବିଭିନ୍ନ ମହିଳା ଗୋଷ୍ଠୀର ମାଆମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ସାରଙ୍ଗଧର ସ୍ୱାଇଁ ପରିଚାଳନା କରିଥିବା ବେଳେ ବ୍ଲକର ମିଶନଶକ୍ତିର ଅଧିକାରୀଣି ଶାଶ୍ୱତୀ ଦାଶ ସୁପରଭିଜନ କରିଥିଲେ। ସେହିପରି ମୂଳ ଅଳସାରେ ସରପଞ୍ଚ ଦେବୀ ପ୍ରସାଦ ଘଟୁଆରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନ୍ତ୍ରୀଙ୍କ ସଭାରେ ଯୋଗଦେଲେ ୨ହଜାର ମହିଳା

**ନୟାହାଟ:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ସଭାନେତ୍ରୀ ଓ ସମ୍ପାଦକା ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଲାଗି ପଡ଼ିଥିବା ବେଳେ ସେମାନଙ୍କ କଥାରେ ମହିଳାମାନେ ରାଜି ନହୋଇ ଶନିବାର ଧୂମାଳ ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିବା ବେଳେ ସରକାରଙ୍କ ଠାରୁ ବିଭିନ୍ନ ସାହାଯ୍ୟ ପାଇ ସ୍ୱାବଲମ୍ବୀ ହୋଇଥିବାରୁ ୨ହଜାର ଯୋଗଦେଇଥିଲେ।

## କାୟାକଳ୍ପ ଟିମ୍‌ର ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ସାକ୍ଷୀଗୋପାଳ, ୧୮।୨ (ସମିସ)**



ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ସଦସ୍ୟ ଡ.ସନ୍ଦୀପନା ମିଶ୍ର, ଡ.ଆଶାଲତା ପତିଙ୍କ ସହିତ ସୌମ୍ୟଶ୍ରୀ ମହାପାତ୍ର ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ସେମାନଙ୍କ ସହିତ ଡିପିଏମଟି ନାରାୟଣ ରାଓ, ଏମ କ୍ୱାଲିଟ କଣ୍ଟ୍ରୋଲ କସ୍ତୁରୀ ପିୟମ୍ବଦା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ସପାସୁତରା, ବର୍ଜ୍ୟବସ୍ତୁ ପରିଚାଳନା, ଫୁଲ ଓ ଔଷଧୀୟ ବଗିଚା, ପାଚେରୀ, ସ୍ୱାସ୍ଥ୍ୟ କାନ୍ଥ, ପରିଚାଳନା, ରୋଗୀସେବା ସହିତ ବିଭିନ୍ନ ଦିଗ ଉପରେ ମାର୍କି କରିଥିଲେ। ଅଳଗୁମ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱଜିତି ମିଶ୍ର, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରମୁଖ୍ୟ ଡ. ଦେବାଶିଷ ନାୟକ, ଡ. ବାସନ୍ତୀ ନାୟକ, ଡ. ପୀତମ ବାଗ, ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ, ବିପିଏମ ଜ୍ୟୋତି ରଞ୍ଜନ ଶତପଥୀ, ବିଇଓ କ୍ଷେତ୍ରମଣୀ ସେଠୀ, କୁନିସେଠୀଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନେ ସ୍ୱାଗତ କରିବାସହ ସହଯୋଗ କରିଥିଲେ।

## ତୈଳିକ ବୈଶ୍ୟ ସାଧବ ସଂଘର ଅଧିବେଶନ

**ଡେଲାଙ୍ଗ, ୧୮ ।୨(ସମିସ)**



ଡେଲାଙ୍ଗ ବ୍ଲକର ରାମଚନ୍ଦ୍ରପୁର ସନ୍ନିକଟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ତୈଳିକ ବୈଶ୍ୟ ସାଧବ ସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ସାହିଭାଇଙ୍କ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଡେଲାଙ୍ଗ, ପିପିଲି, ସତ୍ୟବାଦୀ ଓ ଜଟଣୀ ବ୍ଲକ ତଥା ଲେମ୍ବେଇ ଚବିଶ ସାହି ତୈଳିକ ବୈଶ୍ୟ ସାଧବମାନେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରାକ୍ତନ ଆଦିବାସୀ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ଅନନ୍ତ ଚରଣ ସାହୁ, ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା ସମ୍ପାଦକ ଗୁରୁଶଙ୍କର ଜେଠୀ, ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ରଞ୍ଜନ କୁମାର ସାହୁ, ଛୟାନବେ ସାହି ସାଧବ ସମାଜ ସଭାପତି ଇଂ.ଦେବାଶିଷ ସାହୁ, ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ଶିକ୍ଷାବିତ୍ ହରିହର ସାହୁ, ରମାକାନ୍ତ ସାହୁ, ଚକ୍ରଧର ସାହୁ, ଗୁଣନିଧି ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଜାତିଭାଇ ଉପସ୍ଥିତ ରହି ଜାତିର ମହତ୍ୱ ଓ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷିରେ ତୈଳିକ ବୈଶ୍ୟ ମାନଙ୍କୁ ସୁବିଧା, ସାହାଯ୍ୟ ସହଯୋଗ ଯୋଗାଇଦେବା, ସାହିଭାଇମାନଙ୍କ ସୁଖଦୁଃଖରେ ଭାଗିଦାର ହେବା ଓ ସେମାନଙ୍କ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ୧୫ ଜଣଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

**କାକଟପୁର/ଗମ୍ଭାରୀପଦା, ୧୮ ।୨(ସମିସ):** ପୁରୀଜିଲ୍ଲା କାକଟପୁର ଥାନା ପରିସରରେ ୨୩ ତାରିଖରେ ମେଗା ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।କାକଟପୁର ଥାନା ଦ୍ୱାରା ଆୟୋଜିତ ଏବଂ ବିକାଶ ଏଜୁକେଶନାଲ ଟ୍ରଷ୍ଟର ସହଯୋଗରେ ହେବାକୁ ଥିବା ମେଗା ରକ୍ତଦାନ ଶିବିର ପାଇଁ ଆଇଆଇସି ଉମେଶ ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କାକଟପୁର ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟୀ ସଂଘ, ଅଟୋ ଆସୋସିଏସନ, ଅନ୍ୟାନ୍ୟ ସଂଗଠନଙ୍କ ସହିତ ସାଧାରଣଜନତା ରକ୍ତଦାନ କରିବା ପାଇଁ ଆଇଆଇସି ଶ୍ରୀ ସାହୁ ଅନୁରୋଧ କରିଥିଲେ। ଥାଲାସେମିଆ ରୋଗରେ ଆକ୍ରାନ୍ତ କୌଣସି ଶିଶୁଙ୍କର ଯେମିତି ରକ୍ତର ଅଭାବ ନରୁହେ ସେଥିପ୍ରତି ପ୍ରତ୍ୟେକ ନାଗରିକ ଯତ୍ନବାନ ହେବା ଉଚିତ ବୋଲି ଶିକ୍ଷାର ବିକାଶ ଏଜୁକେଶନାଲ ଟ୍ରଷ୍ଟର ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ମତବ୍ୟକ୍ତ କରିଥିଲେ। କାକଟପୁର ଥାନା ଏଏସଆଇ ପ୍ରମୋଦ ସେଠୀ, ବବ୍ରୁବାହାନ ମହାନ୍ତି, ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।

## ଜେସିସି ଖାନପୁର କ୍ରିକେଟ୍: ଏଆର୍‌ସିସି ସୋମପୁର ଚାମ୍ପିଅନ

**କାକଟପୁର, ୧୮ ।୨(ସମିସ):** କାକଟପୁର ବ୍ଲକ ଅଧିନସ୍ଥ ଖାନପୁର ଜଲାଲଉଦ୍ଦିନ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ଜେସିସି ନାଇଟ ଧମାକା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ



ଜେସିସି କରାଳ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪ ଉଇକେଟ ହରାଇ ୩୫ ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଏଆର୍‌ସିସି ୩୬ ରନର ବିଜୟ ଲକ୍ଷ ନେଇ ମାତ୍ର ୨.୫ ଓଭରରେ ୯ ଉଇକେଟ ହରାଇ ବିଜୟଲାଭ କରିଥିଲା। ଏଆର୍‌ସିସି ପକ୍ଷରୁ ଅନନ୍ତ ବାସୁଦେବଙ୍କୁ ମ୍ୟାନ ଅଫ ମ୍ୟାଚ୍ ଏବଂ ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇଥିବା ବେଳେ ଜୟପ୍ରକାଶଙ୍କୁ ଶ୍ରେଷ୍ଠ ବୋଲର ଭାବେ ନଗଦ ରାଶି ଏବଂ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଫୁରକାନ ଅଲ୍ଲୀ ସାହା, କାକଟପୁରର ବିଶିଷ୍ଟ ବ୍ୟବସାୟୀ ମହେନ୍ଦ୍ର ସ୍ୱାଇଁ ଏବଂ ଶେଖ ସଦାମ ହୁସେନ ପ୍ରମୁଖ ଯୋଗଦେଇ ଚାମ୍ପିଅନ ରନର୍ସ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ କ୍ଲବର ସଭାପତି ମୁନସାଫ ଖାଁ, ସମ୍ପାଦକ ରିହାନ ଅଲ୍ଲୀ, ମିନିହାଜ, ୟୁସୁଫ ଅଲ୍ଲୀ, ରାଜା ଅମଜଦ, କଲାମ, ମୋହାହିଦ, ଆଲିମ ହାଫିଜ, ବସର, ସୋଦାନ, ମେହେବୁବ, ଫରହାନ ଅଖତର ସେର ଖାଁ ପ୍ରମୁଖ ପରିଚାଳନା କରିଥିଲେ।

## ସାଧୁସନ୍ଥଙ୍କ ଚିଲିକା ଭ୍ରମଣ

**କଣାସ, ୧୮ ।୨(ସମିସ):** କଣାସ ବ୍ଲକର କଣାସ ଗ୍ରାମରେ ପ୍ରତିଷ୍ଠିତ କଣାସ ବଡମଠ ରାଧାକାନ୍ତଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେବାକୁ ଭାରତବର୍ଷର ବମ୍ବେ, ହରିଦ୍ୱାର, ହୃଷିକେଶ, କାଶି, ମଥୁରା, ବୃନ୍ଦାବନ, ଅଯୋମା ଏବଂ ବିଭିନ୍ନ ପ୍ରଦେଶରୁ ଆସିଥିବା ସାଧୁସନ୍ଥ ୫୦ରୁ ଉର୍ଦ୍ଧ୍ୱ ୪ଟି ନୌକାରେ କଣାସ ଠାରୁ ଦୟାନଦୀରେ ଯାତ୍ରାରା ଆରମ୍ଭକରି ଚିଲିକା ବୁଲି ସଂଧାରେ ଫେରିଆସିଥିବା ଜଣାପଡ଼ିଛି।ଏହି ସାଧୁସନ୍ଥମାନଙ୍କ ନେତୃତ୍ୱ ନେଇଥିଲେ ବମ୍ବେ ମଲାଡ ମଠାଧିସ ହଜାର ଆଠେ ଶ୍ରୀମହନ୍ତ ମାଧବାନନ୍ଦ ଜି ମହାରାଜ। ଡଙ୍ଗାରେ ରୋଷେଇ କରିବା ଓ ଚିଲିକା ଭ୍ରମଣ କରିବା ସେମାନଙ୍କୁ ଆନନ୍ଦମୟ କରିଥିଲା।

## ବାଲି ବୋଝେଇ ଗାଡ଼ିକୁ ୩୫ହଜାର ଟଙ୍କା ଜରିମାନା

**ଅସ୍ତରଙ୍ଗ, ୧୮ ।୨(ସମିସ):** ଅସ୍ତରଙ୍ଗ କାକଟପୁର ମୁଖ୍ୟରାସ୍ତାର ଉକୁଳେଇ ଛକ ନିକଟରେ ରବିବାର ସକାଳୁ ବେଆଇନ ବାଲି ବୋଝେଇ କରି ଯାଉଥିବା ଏକ ହାଇୱାକୁ ଅସ୍ତରଙ୍ଗ ତହସିଲଦାର ଜବତ କରିଛନ୍ତି। ଓଡି ୦୨ବି କେ-୬୦୧୮ ନମ୍ବର ହାଇୱା ବେଆଇନ ବାଲି ବୋଝେଇ କରି ଆସୁଥିବା ବେଳେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପିୟଦର୍ଶିନୀ ପତିଙ୍କ ନଜରକୁ ଆସିଥିଲା। ତହସିଲଦାର ଉକ୍ତ ହାଇୱାକୁ ଅଟକାଇ ଗାଡିର କର୍ମଚାରୀଙ୍କୁ ବାଲି ଚାଲାଣ ସମ୍ବନ୍ଧିୟ କାଗଜପତ୍ର ଦେଖେଇବା ପାଇଁ କହିଥିଲେ। କିନ୍ତୁ ଗାଡ଼ିର କର୍ମଚାରୀ କୌଣସି କାଗଜପତ୍ର ଦେଖେଇ ପାରିନଥିଲେ। ତେଣୁ ବେଆଇନ ବାଲି ଚାଲାଣ



ହେଉଥିବା ଜାଣିପାରି ସେହି ବାଲି ଗାଡିକୁ ଜବତ କରି ଅସ୍ତରଙ୍ଗ ଥାନାକୁ ହସ୍ତାନ୍ତର କରାଯାଇଥିଲା। ପରେ ୩୫ହଜାର ଟଙ୍କା ଜରିମାନା ଦେବାପରେ ଗାଡ଼ିକୁ ଛଡା ଯାଇଥିବା ଅସ୍ତରଙ୍ଗ ଥାନାର ସବଇନିସ୍ପେକ୍ଟର ଦିପକ ସାମାନ୍ତସିଂହାର ସୂଚନା ଦେଇଛନ୍ତି।

## ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

**ନୟାହାଟ, ୧୮ ।୨(ସମିସ):** ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ନୟାହାଟର ସାମ୍ବାଦିକ ରଶ୍ମିରଞ୍ଜନ ସାହୁଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଧୂମାଳ ପଞ୍ଚାୟତର ସରପଞ୍ଚ ମୋନାଲିସା ସିଂ, ଯୁବନେତା ଅଭିମନ୍ୟୁ ସିଂ, ଆଲୋକ ରାୟ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ରଶ୍ମିରଞ୍ଜନ ସାହୁ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଦେଇଥିଲେ।



## ଖବରକାଗଜ ବିତରକଙ୍କୁ ସାଇକଲ ବଣ୍ଟନ



**ନିମାପଡ଼ା, ୧୮।୨(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚ ଶାସନ ପଞ୍ଚାୟତ ଭାଣପୁର ଠାରେ ଥିବା କଲ୍ୟାଣ ମଣ୍ଡପରେ ସମାଜସେବୀ ଜିତେନ୍ଦ୍ର ମହାନ୍ତି ସ୍ଥାନୀୟ ଅଞ୍ଚଳର କ୍ଷୁଦ୍ରବ୍ୟବସାୟୀଙ୍କୁ କମ୍ପ୍ୟୁଟର ଦଣ୍ଡି ଓ ଖବରକାଗଜ ବିତରକମାନଙ୍କୁ ସାଇକଲ ପ୍ରଦାନ କରିଛନ୍ତି। ସମାଜସେବୀ ଜିତୁ ଖେଲାର, ହରିପୁର, ବଳଙ୍ଗା ଆଦି ଅଞ୍ଚଳରେ ହାଟ ଓ ରାସ୍ତା କଡରେ ବସି ବ୍ୟବସାୟ କରୁଥିବା ୧୫୦ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ଓଜନ କରିବା ପାଇଁ କମ୍ପ୍ୟୁଟର ଦଣ୍ଡି ଏବଂ ନିମାପଡ଼ା, ଚାରିଛକ, ଗୋପ ଓ ବଳଙ୍ଗା ଆଦି ଅଞ୍ଚଳରେ ପ୍ରତ୍ୟେକ ଦିନ ବିଭିନ୍ନ ଗାଁ ଗଣ୍ଡାରେ ବୁଲି ଖବର କାଗଜ ବିକ୍ରି କରୁଥିବା ୨୫ରୁ ଉର୍ଦ୍ଧ୍ୱ ବିତରକମାନଙ୍କୁ ସାଇକଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୁଦ୍ଧିମତି ପୃଷ୍ଟି, ଯୁବନେତା ଅସିତ କୁମାର ମହାନ୍ତି, ସାମ୍ବାଦିକ ଅକ୍ଷୟ ନାୟକ, ପୂର୍ବତନ ସମିତିସଭ୍ୟ ସୁଦୀପ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

**କୃଷ୍ଣପ୍ରସାଦ, ୧୮ ।୨(ସମିସ)**

ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ଓ ଅନ୍ୟ ପଦବୀ ଗୁଡ଼ିକ ଖାଲି ପଡ଼ିଥିବାରୁ ଅଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଏ ପରିକି ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଏଠାରୁ ୭୦ କିମି ଦୂରରେ ଅବସ୍ଥିତ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ବ୍ରିଟିଶ ଅମଳରୁ ସ୍ୱାସ୍ଥ୍ୟ କେନ୍ଦ୍ରଟି କାର୍ଯ୍ୟ କରି ଆସୁଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ସମାୟାନୁକ୍ରମେ ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ୱାସ୍ଥ୍ୟ ସେବା ଠାରୁ ଦୂରେଇ ଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳର ଅଭାବ, କର୍ମଚାରୀମାନେ ରହିବା ଲାଗି ଆବଶ୍ୟକୀୟ ସରକାରୀ ବାସଗୃହ ନଥିବାରୁ ହନ୍ତସନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ନିରବ ଦ୍ରଷ୍ଟା ସାଜିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନବ କିଶୋର କର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରିକରଣ କାର୍ଯ୍ୟ୫-ଟି ଯୋଜନାରେ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ସମସ୍ୟା ଭୋଗୁଛନ୍ତି ଛାମୁଣ୍ଡିଆ, ବଡଶିଲିଙ୍ଗାବାସୀ

- ସ୍ୟାଣ୍ଡ ରିସୋର୍ଟ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ
- କଳାପାଟ ବଡମୂଳ ରାସ୍ତା ଅଧପନ୍ତରିଆ
- ମନ୍ଥର ଗତିରେ ଚାଲିଛି ରାସ୍ତା ନିର୍ମାଣ
- ଗଣିଆ-କଳାପାଟ ରାସ୍ତା ଶୋଚନୀୟ

ନୟାଗଡ/ଗଣିଆ,୧୮ ।୨(ସମିସ)

ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି ଗଣିଆ ବ୍ଲକର ରାସଙ୍ଗ, ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତବାସୀ । ଗଣିଆ କୁତୁରୀ ପୂର୍ତ୍ତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅକ୍ତିଆର କରି ଅଞ୍ଚଳବାସୀଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି । ଦୀର୍ଘ ୫ ବର୍ଷ ହେବ ଅଞ୍ଚଳବାସୀଙ୍କ ସମସ୍ୟା ତିଳରୁ ତାଳକୁ ଛୁଇଁଲାଣି । ଏହି ପୂର୍ତ୍ତ ରାସ୍ତା ଗଣିଆଠାରୁ ବଡମୂଳ ପର୍ଯ୍ୟନ୍ତ ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ହାତକୁ ନେଇଛି । ଗତ ୫ ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାର ଠରୁ କଳାପାଟ ଠାକୁରାଣୀ ପୀଠ ୧୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ସାରିଲାଣି । ୨ୟ ପର୍ଯ୍ୟାୟରେ ଗତ ୨୦୨୨ ମସିହାରେ କଳାପାଟ ଠାକୁରାଣୀ ପୀଠରୁ ବଡମୂଳ ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ୨୫ ଲକ୍ଷ ୨୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ୧୪ କିଲୋମିଟର ରାସ୍ତା ମଧ୍ୟରୁ ୩.୫ କିଲୋମିଟର କଂକ୍ରିଟ ଓ ୧୦.୫ କିଲୋମିଟର ପିଚୁ ରାସ୍ତା ନିର୍ମାଣ ପାଇଁ ଅଟକଳ ହୋଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଫେବୃଆରୀ ମାସ ୨୩ ତାରିଖରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ମାସ ୨୨ ତାରିଖରେ ଶେଷ ହେବାର ଅବଧି ରହିଥିଲା । ଅଦ୍ୟାବଧି ନିର୍ମାଣ ୫୦ ପ୍ରତିଶତ ସରିନଥିବା ବେଳେ ସଂପୃକ୍ତ ଠିକାଦାର ରାସ୍ତାର ଅନେକ ସ୍ଥାନରେ ଖୋଳି ପକାଇ ଦେଇଛନ୍ତି । ଲୋକମାନେ ଯାତାୟତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକମାନେ କାର୍ଯ୍ୟ ଶେଷ ପାଇଁ ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଏହି ରାସ୍ତାରେ ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନିକ ଉଚ୍ଚ ପଦାଧିକାରୀମାନେ ଯାତାୟତ କରୁଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନାହିଁ । ରାସ୍ତା ଦେଇ ପ୍ରତ୍ୟହ ବିଭିନ୍ନ ପ୍ରକାର ଭାରିଯାନ ଚଳାଚଳ ଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇଛି । ପୂର୍ତ୍ତ ବିଭାଗ ଠାରୁ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯିବା ପରେ ଭଲ ରାସ୍ତା କାମ ହେବ ବୋଲି ସ୍ଥାନୀୟ ଲୋକେ ଆଶା କରିଥିବା ବେଳେ ଏହା ଓଲଟା ଚିତ୍ର ଦେଖିବାକୁ ମିଳୁଛି । ନିମ୍ନମାନର ଏବଂ ନିର୍ମାଣ ବିଳମ୍ବ କରାଯାଉଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବୃଉଙ୍ଗ ସେତୁର ପଶ୍ଚିମପାର୍ଶ୍ୱର ରାସ୍ତା ଧୋଇ ଖାଇ ଯାଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି । ଗଣିଆ ବ୍ଲକ ସାଉଥ ବଡମୂଳ ମଙ୍ଗାନାସୀଠାରେ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ରହି ଚଳିତ ବର୍ଷ ରାସ୍ତା ସମସ୍ୟା ପାଇଁ ପ୍ରଭାବିତ ହୋଇଛି । ବର୍ଷସାରା ଏଠାକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି । ରାସ୍ତାର ଏଭଳି ଦୂରାବସ୍ଥା ଦେଖି ପର୍ଯ୍ୟଟକ ଆସିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଗତ ୨୦୨୨-୨୩ ମସିହାରେ ସାତ କୋଶିଆ ସ୍ୟାଣ୍ଡ ରିର୍ସୋଟକୁ ୯ ହଜାର ୨୫୮ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୧ କୋଟି ୨୮ ଲକ୍ଷ ୬ ହଜାର ୪୫୪ ଟଙ୍କାର ବ୍ୟବସାୟ ହୋଇଥିଲା । ଚଳିତ ବର୍ଷ ଏହି ସଂଖ୍ୟାରେ ଆଶାତିତ ହ୍ରାସ ଘଟିଛି । ୨୦୨୩-୨୪ ମସିହାରେ ଏବେ ସୁଦ୍ଧା ୭ ହଜାର ୩୭୭ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୧ କୋଟି ୩ ଲକ୍ଷ ୫ ହଜାର ୪୬୮ ଟଙ୍କା ବ୍ୟବସାୟ ହୋଇଥିବା ସୂଚନା ମିଳିଛି । ଯାହାକୁ ନେଇ ଚଳିତ ବର୍ଷ ଆଗୁଆ ସ୍ୟାଣ୍ଡ ରିର୍ସୋଟ ତଥା ବାଲିରେ କରାଯାଉଥିବା ଟେଣ୍ଟ ବ୍ୟବସ୍ଥା ବନ୍ଦ କରାଯିବ ବୋଲି ସୂଚନା ମିଳିଛି । ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରକୁ ରାସ୍ତା ନିର୍ମାଣ କ୍ଷେତ୍ରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ସ୍ପଷ୍ଟ ହୋଇଥିବା ବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି । ଚଳିତ ବର୍ଷ ୩୦ ଲକ୍ଷ ଟଙ୍କାର ବ୍ୟବସାୟ କ୍ଷତି ହୋଇଥିବା ବେଳେ ଏଥିପାଇଁ କେବଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟୀ ବୋଲି ଆଲୋଚନା ହେଉଛି ।





## ରାଜ୍ୟସ୍ତରୀୟ ନାଟ୍ୟମେଳା ପ୍ରସ୍ତୁତି

**ନୟାଗଡ଼,୧୮ ।୨(ସମିସ):** ନୟାଗଡ଼ ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲ୍ଲା ସଂସ୍କୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୧ରୁ ୭ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପୀ ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏଥି ନିମନ୍ତେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହର୍ଷି ବିଦ୍ୟାମନ୍ଦିର ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା । ନାଟ୍ୟଧାରା ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନାଟ୍ୟନୁଷ୍ଠାନ ସେମାନଙ୍କ ନାଟକ ପରିବେଷଣ କରିବେ ବୋଲି ଏହି ଅବସରରେ ସୂଚନା ଦିଆଯାଇଥିଲା । ମାର୍ଚ୍ଚ ୧ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ 'ନାଟ୍ୟଧାରା' ପକ୍ଷରୁ ନାଟକ 'ଅରୁପାରୁପା' ମଞ୍ଚସ୍ଥ ହେବ । ମାର୍ଚ୍ଚ ୨ରେ ସମ୍ବଲପୁର କଲଚରାଲ ଆସୋସିଏସନ ପକ୍ଷରୁ ନାଟକ 'କେଡ଼ା', ମାର୍ଚ୍ଚ ୩ରେ ଓମ ନାଟ୍ୟ ସଂସ୍ଥା ବାରିପଦା ପକ୍ଷରୁ ନାଟକ ମଞ୍ଚମାୟା, ମାର୍ଚ୍ଚ ୪ରେ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ନାଟକ ପଶାପାଲି, ମାର୍ଚ୍ଚ ୫ରେ ଚମତ୍କାର ନୟାଗଡ଼ ପକ୍ଷରୁ ନାଟକ ପତିତପାବନ ବାନା ଆଉ କେତେ ବେଳକୁ, ମାର୍ଚ୍ଚ ୬ରେ ଥିଏଟର ମାରାଥନ ପକ୍ଷରୁ ନାଟକ ମହାପାପ ଏବଂ ମାର୍ଚ୍ଚ ୭ରେ କଳାକାର ନାଟ୍ୟ ସଂସ୍ଥା ଅନୁଗୁଳ ପକ୍ଷରୁ ନାଟକ ଶୃଙ୍ଖଳା ସମୁଦ୍ର ମଞ୍ଚସ୍ଥ ହେବ । ପ୍ରତ୍ୟହ ସନ୍ଧ୍ୟା ୭ ଘ. ୩୦ ମିନିଟ ସମୟରେ ଆରମ୍ଭ ହେବାକୁ ଥିବା ନାଟକଗୁଡ଼ିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇ ଘଣ୍ଟା ଅବଧି ମଧ୍ୟରେ ପରିସମାପ୍ତ ହେବ ।

## ଅତ୍ରିମୁନି ପୀଠ ଗାୟତ୍ରୀ ଯଜ୍ଞ ପୂର୍ଣ୍ଣାହୁତି

**ଓଡଗାଁ,୧୮ ।୨(ସମିସ):** ଓଡ଼ଗାଁ କୁମ୍ଭିଆପଲ୍ଲୀ ଓ ମଠଖଜୁରିଆ ନିକଟ ଗୟଳସିଂ ପାହାଡ଼ ମଧ୍ୟରେ ଅବସ୍ଥିତ ଶାମୂକା ଜଳକୁଣ୍ଡ ତଥା ଅତ୍ରୀମୁନୀ ଯଜ୍ଞସ୍ଥଳରେ ଶୁକ୍ରବାର ଠାରୁ ୩ ଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ରବିବାର ପୂର୍ଣ୍ଣାହୁତି ସମ୍ପନ୍ନ ହେବା ସହିତ ଶାମୂକା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ସକାଳେ ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀ ରଘୁନାଥ ଜିଉଙ୍କ ପୀଠରୁ କଳସଯାତ୍ରା ବାହାରି ଯଜ୍ଞ ସ୍ଥଳରେ ପହଁଚିଥିଲେ । ବିଧିବିଧାନ ପୂର୍ବକ ଗାୟତ୍ରୀମନ୍ତ୍ର ଦ୍ୱାରା ସମସ୍ତ ଶୋଧନନୀତି ସମାପନ ହୋଇଥିଲା । ୧୭ ତାରିଖ ସକାଳେ ଗାୟତ୍ରୀ ଦୀକ୍ଷିତ ପୂଜକ ଭଗବାନ ମନ୍ତ୍ରୀ, ପ୍ରତାପ ଦାସ, ନୃସିଂହ ଚରଣ ସାହୁ ଏବଂ ପରିବ୍ରାଜକ ହଜାରୀ ମହାରଣା ପ୍ରମୁଖଙ୍କ ଦ୍ୱାରା ପଞ୍ଚ କୁଣ୍ଡୀୟ ଗାୟତ୍ରୀଯଜ୍ଞ ଆରମ୍ଭ ହୋଇଥିଲା । ଦିତୀୟ ଦିବସରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଅନ୍ୟ ଜନପ୍ରତିନିଧିମାନେ ଯଜ୍ଞସ୍ଥଳରେ ପହଁଚି ପ୍ରଭୁଙ୍କ ଆର୍ଶୀବାଦ ଭିକ୍ଷା କରିବା ସହିତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ କୁମ୍ଭିଆପଲ୍ଲି ବୈକୁଣ୍ଠ ପ୍ରଧାନ, ଉପେନ୍ଦ୍ର ବାରିକ, ଗୋକୁଳ ପରିଡ଼ା, ମାଗି ଦଳବେହେରା ଏବଂ ଶ୍ରୀଧର ବାରିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମାପିତ ହୋଇଯାଇଛି ।

## ଗଣିଆରେ ବିଜେଡିର କର୍ମୀ ସମ୍ମିଳନୀ

ଗଣିଆ,୧୮ ।୨(ସମିସ)

ସମାଜସେବୀ ଶ୍ରୀହରି ନାୟକଙ୍କ ନେତୃତ୍ୱରେ ଗଣିଆ ବ୍ଲକର ୩ ହଜାରରୁ ଊର୍ଦ୍ଧ୍ୱ ବିଜେଡି ମହିଳା ଓ ପୁରୁଷ କର୍ମୀ ଏକଜୁଟ ହୋଇ ଗଣିଆ ଡାକବଙ୍ଗଳା ଠାରୁ ଶୋଭାଯାତ୍ରାରେ ବାହାରି ଗଣିଆ ତହସିଲ କାର୍ଯ୍ୟାଳୟ ନିକଟ ଚଉବଙ୍ଗ ତୋଟା ଠାରେ ପହଞ୍ଚି ଥିଲେ । ପରେ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଶ୍ରୀହରି ନାୟକଙ୍କ ସମେତ ଦଶପଲ୍ଲା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, କୁଲୁରୁକୁମ୍ପା ସରପଞ୍ଚ ଅଶୋକ ନାୟକ, ପୋଖରୀଗୋଚ୍ଛା ସମିତିସଭ୍ୟ ବାପୁଜୀ ସାହୁ, କିଶୋରପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରା, ଯୁବ ବିଜେଡି କର୍ମୀ ଦେବାନନ୍ଦ ମିଶ୍ର, କିଶୋରପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ ।



## ଯନ୍ତ୍ରୀଙ୍କୁ ମାଡ ଘଟଣାରେ ମାମଲା ରୁଜୁ

**ଦଶପଲ୍ଲା,୧୮ ।୨(ସମିସ):** ଦଶପଲ୍ଲା ଏନଏସିରୁ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲିବାକୁ ଯାଇଥିବା ସମୟରେ ଏନ୍‌ଏସି ଯନ୍ତ୍ରୀ ଅଶୋକ ଦଳବେହେରାଙ୍କୁ ଆକ୍ରମଣ ଘଟଣାରେ ଜଙ୍କିଆ ଥାନାରେ ମାମଲା ରୁଜୁ ହୋଇଛି । ଏହାକୁ ନେଇ ଦଶପଲ୍ଲାରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ଯନ୍ତ୍ରୀ ସଂଘ ପକ୍ଷରୁ ଅଭିଯୁକ୍ତକୁ ଗିରଫ ଦାବି କରାଯାଇଛି । ଏନ୍‌ଏସି ନିର୍ବାହୀ ଅଧିକାରୀ ଚିଠିମାଧ୍ୟମରେ ମାମଲା ରୁଜୁ କରିବା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ଅବଗତ କରିଛନ୍ତି । ଆକ୍ରମଣକାରୀ ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ଦଶପଲ୍ଲାରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି । ପୁରୀରୁ ଫେରିବା ସମୟରେ ଜଙ୍କିଆ ନିକଟସ୍ଥ ରାମେଶ୍ୱରଠାରେ ଅବସ୍ଥିତ ଏକ ଢାବାରେ କୌଣସି କାରଣକୁ ନେଇ ଯନ୍ତ୍ରୀ ଶ୍ରୀ ଦଳବେହେରାଙ୍କୁ ଏନ୍‌ଏସି ଉପାଧ୍ୟକ୍ଷ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣ ଫଳରେ ଯନ୍ତ୍ରୀଙ୍କ ମୁହଁ ଫାଟି ଯାଇଥିବା ବେଳେ ୨ଟି ଦାନ୍ତ ଭାଙ୍ଗି ଯାଇଛି । ଏହାକୁ ନେଇ ସେ ସେଠାରୁ ଫେରି ଚିକିତ୍ସିତ ହେବା ପରେ ଦଶପଲ୍ଲା ପୁଲିସର ଦ୍ୱାରସ୍ଥ ହୋଇଥିଲେ । ଦଶପଲ୍ଲା ପୁଲିସ ଘଟଣା ଘଟିଥିବା ଥାନା ଅଞ୍ଚଳରେ ଏତଲା ଦେବାକୁ ପରାମର୍ଶ ଦେଇଥିଲା । ଶନିବାର ରାତିରେ ଯନ୍ତ୍ରୀ ଜଙ୍କିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ଛାନଭିନ୍ ଚଳାଇଛି ।

● ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ରାମଚଣ୍ଡୀ କ୍ଲବ୍ ଚାମ୍ପିଅନ



ଖଣ୍ଡପଡା,୧୮ ।୨(ସମିସ)

ଖଣ୍ଡପଡା ବ୍ଲକ ଅଧୀନ ଗଡ଼ିଆସାହି ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ରାମଚଣ୍ଡୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମା' ରାମଚଣ୍ଡୀ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୭୬ ରନ କରିଥିଲା । ଜବାବରେ ଗୋପପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ଉଇକେଟ ହରାଇ ୧୫୬ ରନ କରିପାରିଥିଲା । ଘରୋଇ ଦଳର ସୂର୍ଯ୍ୟମଣି ସାମଲ ୩୬ରନ ସହ ୪ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ଏବଂ ଘରୋଇ ଦଳର ରୋଶନ ଜେନାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ବ୍ଲକ୍ ଆଲା ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଯୁବ ସମାଜସେବୀ ବିଭୁନା ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ସିଙ୍ଘାପଡା ସରପଞ୍ଚ ସୁନୀଲ ପ୍ରଧାନ, ଯୁବନେତା ସମରେନ୍ଦ୍ର ମହାନ୍ତି, ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଖେଳକୁ ମନୋଜ ମହାପାତ୍ର ଓ ପ୍ରତାପ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## କିଆଝର ଓ ଗୁଣ୍ଠୁଣିରେ ସଚେତନତା କାର୍ଯ୍ୟକ୍ରମ




ଖଣ୍ଡପଡା,୧୮ ।୨(ସମିସ)

ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସରପଞ୍ଚ ଦୀପାଞ୍ଜଳି ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଆପା କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ମନୋରଞ୍ଜନ ବେହେରା, ସ୍ଥାନୀୟ ସମିତିସଭ୍ୟ ପ୍ରଜ୍ଞାପ୍ରମିତା ପରିଡ଼ା, ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ, କୁମ୍ଭାରପଡା ସରପଞ୍ଚ ଚିନ୍ମୟକୁମାର ପଣ୍ଡା, ସିଂଘାପଡ଼ା ସରପଞ୍ଚ ସୁନିଲ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଯାଦୁଗର ଏ. ଅରୁଣ ପାତ୍ର ବିଭିନ୍ନ ଯାଦୁବିଦ୍ୟା ପ୍ରଦର୍ଶନ କରି ଉପସ୍ଥିତ ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ । ସାମ୍ବାଦିକ ଜନ୍ମେଜୟ ଦଳେଇ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବ୍ଲକ ଅଧୀନ ଗୁଣ୍ଠୁଣି ପଞ୍ଚାୟତରେ ସରପଞ୍ଚ ପ୍ରତିମା ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ବରିଷ୍ଠ ସମାଜସେବୀ କୃପାସିନ୍ଧୁ ପ୍ରଧାନ, ସମିତିସଭ୍ୟା ସୁଲୋଚନା ଦାସ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଶିଖରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହିବା ସହିତ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

# ୨ କୋଟିର ପ୍ରକଳ୍ପ ଉଦ୍‌ଘାଟିତ, ୨୫ ମହିଳାଙ୍କୁ ସ୍କୁଟି

### ବିକାଶର ଶିଖରରେ ବିରୁଡା ପଞ୍ଚାୟତ

ନୟାଗଡ,୧୮ ।୨(ସମିସ)

ନୟାଗଡ ବ୍ଲକ ଅନ୍ତର୍ଗତ ବିରୁଡା ପଞ୍ଚାୟତରେ ରବିବାରଦିନ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏଥି ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୨୫ ସଦସ୍ୟାଙ୍କୁ ସ୍କୁଟି ବଣ୍ଟନ କରିଛନ୍ତି । ଏଥି ସହିତ ୪୬ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୬୦ ଲକ୍ଷ ଟଙ୍କାରେ ବ୍ୟୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ୧୫ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ବିଶ୍ରାମ ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟରେ ଆମ ବ୍ୟାଙ୍କ ସେବା କେନ୍ଦ୍ର, ୭ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହ, ୫ ଲକ୍ଷ ଟଙ୍କା ବ୍ୟୟରେ ଦଣ୍ଡ ଆଖଡା ଗୃହ, ୮ ଲକ୍ଷ ଟଙ୍କା ବ୍ୟୟରେ ଅଙ୍ଗନବାଡ଼ି ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟରେ ପାଣ୍ଡେରୀପାଟଣା କୋଠଘର, ୫ ଲକ୍ଷ ଟଙ୍କା ବ୍ୟୟରେ ପାଣ୍ଡେରୀପାଟଣା କମ୍ୟୁନିଟ୍ ସେଣ୍ଟର, ୫ ଲକ୍ଷ ଟଙ୍କାରେ ଦଣ୍ଡ କାମନା ଗୃହ, ୧୫ ଲକ୍ଷ ଟଙ୍କା ବ୍ୟୟରେ ବରକୋଳିପାଟଣା କୋଠଘର, ୮ ଲକ୍ଷ ଟଙ୍କା ବ୍ୟୟରେ ବରକୋଳିପାଟଣା ଅଙ୍ଗନବାଡ଼ି ଗୃହ, ୮ ଲକ୍ଷ ଟଙ୍କାରେ ମର୍ଦ୍ଦରାଜପୁର କମ୍ୟୁନିଟ୍ ସେଣ୍ଟର ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି । ବିରୁଡା ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା 'କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ. ସାହୁ ବିରୁଡା ପଞ୍ଚାୟତ ରାଜ୍ୟର ଏକ ଅନ୍ୟତମ ଆଦର୍ଶ ପଞ୍ଚାୟତ ବୋଲି କହିଥିଲେ । ବିରୁଡାବାସୀ ପ୍ରତ୍ୟେକ ପଦବୀ ପାଇଁ ମହିଳାଙ୍କୁ ନିର୍ବାଚିତ କରି ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜ୍ୟ ସରକାର ଏହି ପଞ୍ଚାୟତକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଧବଳେଶ୍ୱର ମନ୍ଦିର ପାଇଁ ୫ଟି ରୂପାନ୍ତରୀକରଣ ଯୋଜନାରେ ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସୁବାଷ ଚନ୍ଦ୍ର କହଁର, ସରୋଜ ରଣସିଂ, ଅଜିତ ପ୍ରସାଦ ସାହୁ, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ଗଙ୍ଗାଧର ପଣ୍ଡା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତିସଭ୍ୟା ଶୁଭଲକ୍ଷ୍ମୀ ସାହୁ, ବିଡିଓ ପଦ୍ମଚରଣ ସାହୁ, ତହସିଲଦାର ରାଜେଶ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ନୟାଗଡ ସଦରବ୍ଲକ ଅନ୍ତର୍ଗତ ଶରଣକୁଳ, ବଡପଣ୍ଡୁସର, ଚଣ୍ଡିବସ୍ତ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟାଗଡ ବିଧାୟକ ଡ. ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଛନ୍ତି । କାର୍ଯ୍ୟକ୍ରମରେ ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଡିଓ ପଦ୍ମଚରଣ ସାହୁ ପ୍ରମୂଖ ଉପସ୍ଥିତ ରହିଛନ୍ତି । ଶରଣକୁଳ ପଞ୍ଚାୟତରେ ସରପଞ୍ଚ ପୁଷ୍ପାଞ୍ଜଳୀ ରାଉତରାୟ, ଚଣ୍ଡିବସ୍ତ ସରପଞ୍ଚରବୀନ୍ଦ୍ର କୁମାର ସାହୁ, ବଡପଣ୍ଡୁସର ସରପଞ୍ଚବନିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।






### ନୟାଗଡ ସହର ନବକଳେବର ହୋଇଛି

**ନୟାଗଡ,୧୮ ।୨(ସମିସ):** ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ନୟାଗଡ଼ ସହରର ନବକଳେବର ହୋଇଛି । ଆପଣମାନଙ୍କର ସାହାଯ୍ୟ ସହଯୋଗ ଓ ଶୃଙ୍ଖଳା ଯୋଗୁଁ ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ହୋଇଛି । ସହରର ସୌନ୍ଦର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି । ରବିବାର ୱାର୍ଡ ନଂ ୪ ଓ ୫ ନମ୍ବରର 'ଆମ ଓଡିଶା ନବୀନ ଓଡିଶା'କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଏ ସମ୍ପର୍କରେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଖଣ୍ଡପଡା ରୋଡସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିରୁପମା ଖଟେଇ, ଉପ ନଗରପାଳ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ବସ୍ତି ଉନ୍ନୟନ ସଂଘର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତନ କାଉନସିଲର ନେତ୍ରାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । କାଉନସିଲର ମଞ୍ଜୁ ଗୁମାନସିଂ ଓ କାଉନସିଲର ସନ୍ତୋଷ ମାହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୯୬ଟି ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଆସନ୍ତାକାଲି ଜଗନ୍ନାଥ ମନ୍ଦିରଠାରୁ ପିଟିଏସ ରାସ୍ତାର ଶୁଭ ଦିଆଯିବା ସହିତ ଜିଲ୍ଲା ଲାଇବ୍ରେରୀ, ନୂତନ ଟ୍ରାଫିକ ଛକ, ସ୍ୱାସ୍ଥ୍ୟପ୍ରଦ ମାଛ ବଜାର ଓ ନିୟନ୍ତ୍ରିତ ବଜାର କମିଟିର ଉଦ୍‌ଘାଟନ ଖୁବ ଶିଘ୍ର ବୋଲି ମୁଖ୍ୟ ଅତିଥି ଘୋଷଣା କରିଥିଲେ । ଏହା ସହିତ ୱାର୍ଡ ନଂ-୭ ଓ ୯ ର ମିଶନ ଶକ୍ତି ଉଦ୍‌ଘାଟନ ସହିତ ତ୍ରିନାଥ ଛକ ଓ ବଡ ମଠ ଠାରେ ବିଶୁଦ୍ଧ ପାନୀୟ ଜଳର ଉଦ୍‌ଘାଟନ କରାଯିବ ବୋଲି ବକ୍ତମାନେ ପ୍ରକାଶ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ଲୋକଙ୍କୁ ଦିଆଗଲା ଜନହିତକାରୀ ଯୋଜନାର ସୂଚନା







**ଟାଙ୍ଗୀ, ୧୮।୨(ସମିସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଟାଙ୍ଗୀ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶ୍ରୀ ବଳରାମଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଟାଙ୍ଗୀ ବିଡିଓ ରେସ୍ମା ଟେଟେ, ସମିତିସଭ୍ୟା ଅର୍ଣ୍ଣପୂର୍ଣ୍ଣା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରିକରଣର, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ରୂପାନ୍ତରିକରଣ ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷଙ୍କ ସମେତ ବିଜେଡି ନେତା ବିଜୟ କୁମାର ମହାପାତ୍ର, ସୁନିଲ ମହାନ୍ତି, ମହେନ୍ଦ୍ର କୁମାର ସାହୁ, ପ୍ରଦୀପ ମହାପାତ୍ରଙ୍କ ସମେତ ପଞ୍ଚାୟତର ୱାର୍ଡସଭ୍ୟ ଯୋଗ ଦେଇଥିଲେ।

**ନିରାକାରପୁର:** କମାଗୁରୁ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ସଚେତନତା କାର୍ଯ୍ୟକ୍ରମକୁ ସରପଞ୍ଚ ସୁନୀତା ଚମ୍ପତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଲ, ନାଏବ ସରପଞ୍ଚ ଆଶୁତୋଷ ମହାପାତ୍ର ଓ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଏମବିକେ, ସିଆରସି, ସନ୍ତିଶୁଧା ସଭାନେତ୍ରୀ, ସମ୍ପାଦିକା, ପଞ୍ଚାୟତ ବିଜେଡି ସଭାପତି ଅଶୋକ ପଟ୍ଟନାୟକ, ସମାଜସେବୀ ଭାବନି ଶଙ୍କର ଜଗଦେବ ମହାପାତ୍ର, ଗଦାଧର ମହାରଣା ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିଥିଲେ।

କାର୍ଯ୍ୟକ୍ରମରେ କମାଗୁରୁ ନୋଡାଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାରୀ ସଚେତନତା ଉପରେ ନାଟକ ପରିବେଷଣ କରିଥିଲେ। ଶାନ୍ତିସୁଦ୍ଧା ପକ୍ଷରୁ ୬ଟି ଷ୍ଟଲ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପିଠା, ପଣା, ପାମ୍ପଡ ଭଳି ବିଭିନ୍ନ ଖାଦ୍ୟ ପଦାର୍ଥ ଓ ଘରକରଣା ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା ଯୋଗାଣ ସହାୟକ ହେମନ୍ତ କୁମାର ଲେଙ୍କା କରିଥିବା ବେଳେ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଲ, ପ୍ରଦୀପ କୁମାର ମହାରଥୀ, ପ୍ରଦୀପ କୁମାର ଦାସ ଓ ସତ୍ୟ ନାରାୟଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।

**ବେଗୁନିଆ:** ବେଗୁନିଆ ନିର୍ବାଚନ ମଣ୍ଡଳୀର ବଡବେରଣା, ସାରୁଅ, ରାଧାକାନ୍ତପୁର, ଧଳାପଥର ଓ ବାଙ୍କୋଇ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼ ବେରଣା ପଞ୍ଚାୟତରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଛାତ୍ର ବିଜେଡ଼ି ମହାସଚିବ ଇପସିତା ସାହୁ, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, କୈଳାସ ପାତ୍ର, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ସରପଞ୍ଚ ଅସିତ କୁମାର ତ୍ରିପାଠୀ, ସାମ୍ବାଦିକ ଭଗବାନ ପଣ୍ଡା ଓ ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁ ପେନସନ ଯୋଜନା, କଳାକାର ଭତ୍ତା, ବିଜୁ ସ୍ୱାସ୍ଥ୍ୟକାର୍ଡ ସମେତ ରାଜ୍ୟ ସରକାରଙ୍କ ବହୁ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

## ବିଜେପି ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ଏସ୍‌ଏଚ୍‌ଜି ମହିଳାଙ୍କ ବିରୋଧ

**ବାଲୁଗାଁ:** ବାଣପୁର ବ୍ଲକ ଆୟତପୁର ପଞ୍ଚାୟତରେ ବିଜେପି ସମର୍ଥିତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରିଥିବା ଦେଖିବାକୁ ମିଳିଛି। ସରପଞ୍ଚ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମୟରେ ଜନସାଧାରଣ ଓ ସରପଞ୍ଚଙ୍କ ମଧ୍ୟରେ ବାଦବିବାଦ ଉପୁଜୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆୟତପୁର ପଞ୍ଚାୟତର ଓଡେଇଶୁଣି ମନ୍ଦିର ପରିସରରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇ ଥିବା ବେଳେ ସେଠାରେ ବିଜେପି ସମର୍ଥିତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ସହ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଦୁର୍ବ୍ୟବହର କରିଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି। ଫଳରେ ଏସ୍‌ଏଚ୍‌ଜି ମହିଳା ମାନେ ଏହାକୁ ବିରୋଧ କରି କାର୍ଯ୍ୟକ୍ରମକୁ ପ୍ରତ୍ୟାଖ୍ୟାନ କରିବା ସହ ସଭାସ୍ଥଳ ଛାଡି ରାସ୍ତା ଉପରେ ଛିଡା ହୋଇ ଦୃଢ ପ୍ରତିବାଦ କରିଥିବା ଦେଖି ବାକୁ ମିଳିଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଅଭିଯୋଗ ମୁତାବକ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ସଭା ଆୟୋଜନ ସ୍ଥଳରେ ବିଜେପି ଦଳର ପତାକା ଲଗାଇବା ସହ ସଦା ସର୍ବଦା ମନମୁଖୀ କାର୍ଯ୍ୟ ଚଲାଇଛନ୍ତି।ଏପରିକି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଅର୍ଥ ପ୍ରଦାନ କରିଥିବା ବେଳେ ସଭା କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ମହିଳାଙ୍କ ପାଇଁ କୌଣସି ଖାଇବା ଓ ପିଇବା କିମ୍ବା ପାନୀୟ ଜଳର ବ୍ୟବସ୍ଥା କରାଯାଇ ନଥିବାରୁ ଏସ୍‌ଏଚ୍‌ଜି ମହିଳାମାନେ ପ୍ରତିବାଦ କରିବାରେ ସରପଞ୍ଚ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣି ସରପଞ୍ଚଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ମହିଳାମାନେ କାର୍ଯ୍ୟକ୍ରମକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। ଏସମ୍ପର୍କରେ ସରପଞ୍ଚ ଓ ବ୍ଲକ ପିଓଙ୍କୁ ଫୋନ ଯୋଗ ଯୋଗ କରିବାରୁ ସେ ଫୋନ ଉଠାଇ ନଥିଲେ।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ

**ବୋଲଗଡ଼, ୧୮।୨(ସମିସ):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ଠାରେ ରବିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପାଇଁ ଆୟୋଜିତ ସାଧାରଣ ସଭାରେ ରାଜ୍ୟ ଶ୍ରମିକ କୋଠା ବାଡି ନିର୍ମାଣ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ କହିଥିବା ବେଳେ ହେବାକୁ ଥିବା ସାଧାରଣ ନିର୍ବାଚନରେ




ଦଳୀୟ ସାଂସଦ ଏବଂ ବିଧାୟକ ଉଭୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ସମର୍ଥନ କରି ପୁନର୍ବାର ଷଷ୍ଠଥର ପାଇଁ ନବୀନ ସରକାର କୁ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ କୈଳାସ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ବିଜେଡି ଶୁଭ୍ରାଂଶୁ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ ଓ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ସମେତ ସ୍ଥାନୀୟ ପଞ୍ଚାୟତର ବିଜେଡି ନେତାମାନେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ଏବଂ ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ।

## ଘୁଷୁରୀ ଚୋରି ଅଭିଯୋଗ

**ନିରାକାରପୁର, ୧୮।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅଚ୍ୟୁତପୁର ପଞ୍ଚାୟତ ଗୋବିନ୍ଦ ପ୍ରସାଦ ଗ୍ରାମର ଗୋପାଳ ରାଉଳ (୬୫) ଦୀର୍ଘ ୧୦ ବର୍ଷ ହେବ ୧୬ ନଂ ଜାତୀୟ ରାଜପଥ ନିକଟ ମୃତ୍ୟୁଞ୍ଜୟ ଢ଼ାବା ପଛ ପାଖରେ ରହି ଘୁଷୁରୀ ପାଳନ କରି ଚଳୁଥିଲେ। କିନ୍ତୁ ଶନିବାର ରାତିରେ ଗୋପାଳ ଶୋଇ ପଡ଼ିବା ପରେ କେହି ଦୁର୍ବୃତ୍ତ ତାଙ୍କ ୯୬ଟି ଘୁଷୁରୀ ଚୋରି କରି ନେଇଥିବା ଭୋରୁ ଉଠି ଦେଖିବାକୁ ପାଇଥିଲେ। ପୂର୍ବରୁ ଗୋପାଳଙ୍କ ଏହି ଜାଗାରୁ ତାଙ୍କ ଗ୍ରାମର କିଛି ଦୁର୍ବୃତ ଘୁଷୁରୀ ଚୋରି କରି ନେଇ ଥିଲେ। ଏ ନେଇ ସେ ଜଂକିଆ ଥାନାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

## କବ୍ ବୁଲ୍‌ବୁଲ୍‌ର ରାଜ୍ୟ ପୁରସ୍କାର ପରୀକ୍ଷା

**ଟାଙ୍ଗୀ, ୧୮।୨(ସମିସ):** ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିର ଠାରେ ଓଡ଼ିଶା ରାଜ୍ୟ ସ୍କାଉଟ ଆଣ୍ଡ ଗାଇଡସ୍‌ର ବିଭିନ୍ନ ବିଦ୍ୟାଳୟର କବ ବୁଲବୁଲମାନଙ୍କର ରାଜ୍ୟ ପୁରସ୍କାର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ତଥା ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୧୪୩ ଜଣ ଛାତ୍ରଛାତ୍ରୀ ସ୍କାଉଟ୍ ପତାକା ଉତ୍ତୋଳନ, ଲିଖିତ ପରୀକ୍ଷା, ଗଣବେଶ, ରେକର୍ଡ ବୁକ୍, ପ୍ରତିଜ୍ଞା, ସଂକେତ ସହିତ ଝଣ୍ଡା ଗୀତ, କବ ପ୍ରାର୍ଥନା, ବ୍ୟାୟାମ ପରୀକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ବିଜୟ ରାଉତ, ବିଦ୍ୟାଳୟ ଅଧ୍ୟକ୍ଷ କିଶୋର ସାହୁ, ଶିକ୍ଷା ବିଭାଗ ଅଧାପକ ଅଶୋକ କୁମାର ବେହେରା ପ୍ରମୁଖ ସ୍କାଉଟ୍ ଆଣ୍ଡ ଗାଇଡର ଲକ୍ଷ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବୀଣାପାଣି ଶିଶୁ ମନ୍ଦିର, ସତ୍ୟସାଇ ବିଦ୍ୟାମନ୍ଦିର, ରାମକୃଷ୍ଣ ଶିକ୍ଷା କେନ୍ଦ୍ର, ମହର୍ଷି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଏଜି ମିଶନ ବିଦ୍ୟାଳୟ, ଗୋପାଳପୁର ସରସ୍ୱତୀ ଶିଶୁ ମନ୍ଦିର, ରଣପୁର ଚାରିୟଟ ପବ୍ଲିକ ସ୍କୁଲ, କଳିଙ୍ଗ ଲୋଟସ୍ ସ୍କୁଲର ଛାତ୍ରମାନେ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ।

## ● ତ୍ରିପୁରା ରାଜ୍ୟପାଳଙ୍କ ଚିଲିକା ଗସ୍ତ

## ସପତ୍ନୀକ କଲେ ମା' କାଳୀଜାଈଙ୍କ ଦର୍ଶନ

**ବାଲୁଗାଁ, ୧୮।୨(ସମିସ):** ତ୍ରିପୁରାର ରାଜ୍ୟପାଳ ନାଲୁ ଇନ୍ଦ୍ରସେନ ରେଡ୍ଡୀ ପତ୍ନୀଙ୍କ ସହ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଥିବା ବେଳେ ଅନ୍ତିମ ଦିବସରେ ଚିଲିକା ଗସ୍ତରେ ଆସି ବାଲୁଗାଁ ନିକଟସ୍ଥ ବଡକୂଳ ପାନ୍ଥନିବାସରେ ପହଁଞ୍ôଚ ଥିଲେ। ସେଠାରେ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଓଟିଡିସି ପାନ୍ଥନିବାସ ତରଫରୁ ମ୍ୟାନେଜର ସବ୍ୟସାଚୀ କର ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଓଟିଡ଼ିସିର ଏକ ସ୍ୱତନ୍ତ୍ର



ମଟରବୋଟରେ ଚିଲିକା ହ୍ରଦ ମଧ୍ୟରେ ଅବସ୍ଥିତ ମା' କାଳିଜାଇ ମନ୍ଦିର ପରିଦର୍ଶନ କରି ମା'ଙ୍କୁ ପୂଜାର୍ଚ୍ଚନା କରି ଆର୍ଶୀବାଦ ଭିକ୍ଷା କରିଥିଲେ। ମା'ଙ୍କୁ ଦର୍ଶନ ସାରି ପାନ୍ଥନିବାସ ଫେରିବା ପରେ ସେଠାରେ ମଧ୍ୟାହ୍ନ ଭୋଜନ କରି ରାଜ୍ୟପାଳ ଭୁବନେଶ୍ୱର ଅଭିମୁଖେ ବାହାରି ଥିଲେ। ରାଜ୍ୟପାଳଙ୍କ ଗସ୍ତ ବେଳେ ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲେ।

## ବିଜେଡିର ବାଇକ୍ ଶୋଭାଯାତ୍ରା



**ଖୋର୍ଦ୍ଧା, ୧୮।୨(ସମିସ):** ଖୋର୍ଦ୍ଧା ପୌରାଞ୍ଚଳରେ ବିଜେଡି ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା କରିଛନ୍ତି ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର। ଶ୍ରୀମତୀ ମହାପାତ୍ର ମୁକୁନ୍ଦପ୍ରସାଦସ୍ଥିତ ମେଳଣ ପଡ଼ିଆରୁ ଶତାଧିକ ଦଳୀୟ କର୍ମୀଙ୍କ ଗହଣରେ ପ୍ରତି ୱାର୍ଡ ଯାଇ ଲୋକଙ୍କୁ ସଚେତନତା କରାଇଛନ୍ତି। ଏହି ଅବସରରେ ଶ୍ରୀମତୀ ମହାପାତ୍ର ନବୀନ ସରକାରଙ୍କ ଦ୍ୱାରା ପୌରାଞ୍ଚଳରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ। ପୁନଃଶ୍ଚ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ନବୀନ ପଟ୍ଟନାୟକଙ୍କୁ ବସାଇବାକୁ ସମସ୍ତେ ଭେଦଭାବ ଭୂଲି ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପୌରପରିଷଦର ୨୨ଟି ୱାର୍ଡରେ ପରିକ୍ରମା କରି ନିବେଦନ କରିଥିଲେ। ପୌରପରିଷଦର ସମସ୍ତ ୱାର୍ଡରୁ ପ୍ରାୟ ଶତାଧିକ ଯୁବକ, ଛାତ୍ର ପ୍ରମୁଖ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ● ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## କମ୍ବାଇନ ସ୍କୁଲ୍ ଚାମ୍ପିଅନ

**ଖୋର୍ଦ୍ଧା, ୧୮।୨(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘର ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ସ୍କୁଲ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କମ୍ବାଇନ ସ୍କୁଲ ଏକାଦଶ ଓ କାରମେଲ ସ୍କୁଲ ଏକାଦଶ ମଧ୍ୟରେ ହୋଇଥିଲା। କାରମେଲ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୨୬.୪ଓଭରରେ ସମସ୍ତ ୱିକେଟ ହରାଇ ୧୪୦ରନ କରିବାକୁ ସକ୍ଷମ ହୋଇଥିଲେ। ଜବାବରେ କମ୍ବାଇନ ଏକାଦଶ ଦଳ ୩୦.୧ ଓଭରରେ ୭ଟି ୱିକେଟ୍ ହରାଇ ୧୪୩ରନ କରି ବିଜୟ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ। କାରମେଲ ଦଳ ପକ୍ଷରୁ ଅଗ୍ନିମିତ୍ର ମହାନ୍ତି ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ, ସ୍କୋରରେ ଜନ୍ମେଜୟ ସହାୟତା କରିଥିଲେ। ଖେଳ ପରିଚାଳନାରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନର ବରିଷ୍ଠ ସଦସ୍ୟ ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, କିରଣ ଶତପଥି ପ୍ରମୁଖ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳୀ, ଶ୍ରେଷ୍ଠ ବୋଲର ଓ ଟୁର୍ଣ୍ଣାଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବାଣପୁର, ୧୮।୨(ସମିସ):** ବାଣପୁର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀଙ୍କୁ ନେଇ ଚାଲିଥିବା ମହିଳା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ଓ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ. ଏସପିଏନ୍ ଏସ ବର୍ମାଙ୍କ ତତ୍ତ୍ୱାବଧାନରେ ତାଲିମ ଶିବିର ସୁଚାରୁ ରୂପେ ଚାଲିଥିଲା। ଉଦ୍‌ଯାପନୀ ଉତ୍ସବର ସଭାରେ ଅଧ୍ୟକ୍ଷ ଶ୍ରୀ ହୋତା ଆଜିର ସମାଜରେ ମହିଳାମାନଙ୍କ ଅବଦାନ ଓ ଆତ୍ମରକ୍ଷା ତାଲିମ ଉପରେ ଗୁରୁତ୍ୱ ଦେଇ ଛାତ୍ରୀଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ସହ ପ୍ରସାଶନିକ ଅଧିକାରୀ ଡ଼ଃ ସୁଜାତା ମିଶ୍ର ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷକ ସୋନି ମୁଦୁଲି ଏବଂ ଜି. ସାବିତ୍ରୀ ଆଚାରୀଙ୍କ ପ୍ରଶିକ୍ଷଣକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀ ଛାତ୍ରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିବା ବେଳେ ପ୍ରଶିକ୍ଷଣ ନେଇ ଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ● ରାମେଶ୍ୱର ଆରଏନ୍‌ସିସି କ୍ରିକେଟ କପ୍

## ଏମ୍‌ବିସି ମୋଟା ଚାମ୍ପିଅନ

**ନିରାକାରପୁର, ୧୮।୨(ସମିସ):** ରାମେଶ୍ୱର ଖେଳ ପଡ଼ିଆରେ ରାମେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଆରଏନ୍‌ସିସି କ୍ରିକେଟ କପ୍ ଫାଇନାଲ ମ୍ୟାଚ୍ ଓଲସିଂହ ଏମଏସସିସି ଓ ଏମବିସି ମୋଟା ମଧ୍ୟରେ ହୋଇଥିଲା। ପ୍ରଥମେ ଓଲସିଂହ ଏମଏସସି ସି ବ୍ୟାଟିଂ କରି ୧୭.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୧ ରନ କରିଥିବାବେଳେ ଏମବିସି ମୋଟା ୧୫.୪ ଓଭର ରେ ୪ଉଇକେଟ ହରାଇ ୧୨୨ରନ କରି ଚାମ୍ପିଅନ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ୍ ମୋଟା ଦଳର ସୌମ୍ୟରଞ୍ଜନ ପ୍ରଧାନ ଓ ମ୍ୟାନ ଅଫ ଦି ସିରିଜି ଭାବେ ବିନାୟକ ପଟ୍ଟନାୟକ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଆଲୋକ ରଞ୍ଜନ ସାହୁ ଓ ଶାନ୍ତନୁ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ସମାଜସେବୀ ପବିତ୍ର କୁମାର ପାଇକରାୟ, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଓ ସମାଜସେବୀ ବିରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

# ଗୋ-ମାଫିଆଙ୍କୁ ମାଫ୍ ନାହିଁ; ଦେଢ଼ମାସରେ ଅଢ଼େଇଶହ ଗୋରୁ ଉଦ୍ଧାର

**ଖୋର୍ଦ୍ଧା, ୧୮।୨(ସମିସ)**

ଖୋର୍ଦ୍ଧା ଜିଲ୍ଲାରେ ଗୋରୁଗାଇ ଓ ଗୋମାଂସ ଚାଲାଣ ରୋକିବା ଲାଗି ପୁଲିସ ପକ୍ଷରୁ ଆରମ୍ଭ ହୋଇଛି କଡା ପଦକ୍ଷେପ। ଦୈନିକ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥ ଦେଇ ବାହାର ରାଜ୍ୟକୁ ବେଆଇନ ଗୋରୁ ଓ ଗୋମାଂସ ଚାଲାଣ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାଗୁରୁତ୍ୱର ସହ ଗ୍ରହଣ କରିଛି ପୁଲିସ। ବେଆଇନ କାର୍ଯ୍ୟକୁ ରୋକିବା ଲାଗି ଜାତୀୟ ରାଜପଥର ସମସ୍ତ ଥାନା ପୁଲିସ ସଜାଗ ଥିବାବେଳେ ଗୋଚାଲାଣ କାରୀଙ୍କ ଉପରେ ପୁଲିସ ର ସ୍ୱତନ୍ତ୍ର ଟିମ କଡା ନଜର ରଖିଛି। ଶନିବାର ଜଙ୍କିଆ ପୁଲିସ ଏକ ଗୋରୁ ବୋଝେଇ ଆଇଚର ଗାଡ଼ିକୁ ଜବତ କରି ସେଥିରୁ ୭୦ଗୋରୁ ଉଦ୍ଧାର କରିଥିଲା। ତେବେ ଖୋର୍ଦ୍ଧା ଉପଖଣ୍ଡରେ ଗତ ଜାନୁଆରୀ ୧ ତାରିଖରୁ



ଆଜିସୁଦ୍ଧା ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅଢେଇଶହ ଗୋରୁ ଏବଂ ୨୩ଟନ୍ ଗୋମାଂସ ଉଦ୍ଧାର କଲାଣି। ଏହି ଘଟଣାରେ ପୁଲିସ ୪ଟି ଗୋରୁ ବୋଝେଇ କଣ୍ଟେନର ଓ ୪ଟି ଆଇଚର ଗାଡ଼ିକୁ ଜବତ କରିଥିବା ଜଣାଯାଇଛି। ବେଆଇନ ଗୋରୁ ଚାଲାଣରେ ସମ୍ପୃକ୍ତ

### ୮ ଗାଡ଼ି ଜବତ, ୧୧ ଗୋ-ମାଫିଆ ଗିରଫ

୧୧ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ମିଳିଥିବା ତଥ୍ୟ କହୁଛି।

ସୂଚନା ଅନୁସାରେ, ଖୋର୍ଦ୍ଧା, ଜଙ୍କିଆ, ସଦର, ବେଗୁନିଆ, ବୋଲଗଡ଼ ଏବଂ ଟାଙ୍ଗି ଥାନା ଅଞ୍ଚଳରୁ ରୀତିମତ ଭାବେ ଗୋରୁଗାଇ ଚାଲାଣ କରାଯାଉଛି। ଏଥିଲାଗି ନିର୍ଦ୍ଦିଷ୍ଟ ର୍‌ୟାକେଟ୍ କାର୍ଯ୍ୟ କରୁଛି। ମାତ୍ର ପୁଲିସର ଅତର୍କିତ ଚଢଉ ଏବେ ଗୋରୁ ମାଫିଆଙ୍କ ଭିତରେ ଚୋରି ଲାଗି ଭୟ ଜାତ କରାଇଥିବା କୁହାଯାଉଛି।

ପ୍ରକାଶ ଥାଉକି, ଗତ ଜାନୁଆରୀ ଜାନୁୟାରୀ ୬ତାରିଖ ବିଳମ୍ବିତ ରାତିରେ ଜଙ୍କିଆ ଥାନା ପୁଲିସ ମଳାଗୁଣୀ ଓଭରବ୍ରିଜ ନିକଟରୁ ଏକ ଗୋରୁବୋଝେଇ କଣ୍ଟେନର ଜବତ କରିଥିଲା। ଅମାନୁଷିକ ଭାବେ ବନ୍ଧାହୋଇଥିବା ୭୦ଗୋରୁଙ୍କୁ ପୁଲିସ ଉଦ୍ଧାର କରିଥିବାବେଳେ ୨ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଅବଶିଷ୍ଟ ୬୮ ଜୀବିତ ଗୋରୁଙ୍କୁ ପୁଲିସ ଗୋସାଳାରେ ଛାଡିଥଲା। ପୁଲିସ ଏହି ଘଟଣାରେ ଉତ୍ତରପ୍ରଦେଶ ଛୋଟମାଳପୁରର କଣ୍ଟେନର ଡ୍ରାଉଭର ସମେତ ଗୋରୁ ମାଫିଆ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ବେଗୁନିଆ ପୁଲିସ ଉକ୍ତ ମାସରେ ଗୋରୁ ବୋଝେଇ ୩ ଆଇଚର ଗାଡିରୁ ୯୫ଗୋରୁ ଉଦ୍ଧାର କରିଥିଲା। ଜାନୁଆରୀ ୨୮ରେ ଆଦର୍ଶଥାନା ପୁଲିସ ଏକ ବଳଦ ବୋଝେଇ କଣ୍ଟେନର ସମେତ ୨୫ହଜାର ନଗଦ ଟଙ୍କା ଜବତ କରିବା ସହ ୧୫ବଳଦ ଉଦ୍ଧାର କରିଥିଲା। ଏହି ଘଟଣାରେ ପୁଲିସ ୪ଜଣ ଗୋମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନ ଶିଳ୍ପାଞ୍ଚଳ ଥାନା ପୁଲିସ ଜାତୀୟ ରାଜପଥ ଉପରୁ ୨ଟି ଗୋମାଂସ ବୋଝେଇ କଣ୍ଟେନର ଜବତ କରିଥିଲା। ଏଥିରୁ ପୁଲିସ ୨୩ଟନ୍ ଗୋମାଂସ ଜବତ କରିଥିବାବେଳେ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ଦିଲିପ ଦାସଙ୍କ କହିବା କଥା ବେଆଇନ ଗୋରୁଚାଲାଣକୁ ରୋକିବା ଲାଗି ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖବର ମିଳିବା ମାତ୍ରେ ଏହି ଟିମ ଉକ୍ତ ସ୍ଥାନରେ ଚଢ଼ଉକରି ଗୋରୁ ଗାଡ଼ି ଜବତ କରୁଛନ୍ତି।

